# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଅଁରପାଳ

## ନିଲାମ ନୋଟିସ୍ ସଂଖ୍ୟା - ୧୦୬୬ ତାରିଖ ୧୨.୦୩.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ବଅଁରପାଳ ପଞ୍ଚାୟତସମିତି କାର୍ଯ୍ୟାଳୟ ଗୋଦାମ ଗୃହ ରେ ଥିବା ଆନୁମାନିକ ୧୦(ଦଶ) ଟନ୍ ଓଜନ ର ନଳକୂପର ପୁରୁଣା ପାଇପ୍,ରଡ୍ ତଥା ଅନ୍ୟାନ୍ୟ ଯନ୍ତ୍ରାଂଶ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରକାଶ୍ୟ ନିଲାମ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ଆସନ୍ତା ୨୪-୦୩-୨୦୨୬ ତାରିଖ ଦିବା ଘ ୧୧.୦୦ ମିନିଟ୍ ସମୟରେ ଉପସ୍ଥିତ ରହି ନିଲାମରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଗଲା ।

<u>ନିଲାମ ସର୍ତ୍ତାବଳୀ</u>

(କ) ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ସର୍ବନିମ୍ନ ଟ ୫୦,୦୦୦/-ଙ୍କା ଅମାନତ ରାଶି (EMD) ଅବଧି ଜମା (POTD/NSC/Time deposit) ଆକାର ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଅଁରପାଳ ଙ୍କ ନାମ ରେ ଦାଖଲ କରି ଭାଗନେବେ ।

(ଖ) ନିଲାମ ରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ଟ ୬୦୦୦.୦୦ଙ୍କା ଜମା କରି ନିଲାମ ପତ୍ର କ୍ରୟ କରିବେ /କିମ୍ବା ଅନୁଗୋଳ ଜିଲ୍ଲା website https://angul.odisha.gov.in ରୁ ଆବେଦନ ପତ୍ର download କରି ଉପଯୁକ୍ତ ଦେୟ ର demand draft କରି ନିଲାମ ପାଇଁ ଆବେଦନ କରିବେ । ନିଲାମ ସମ୍ପର୍କିତ କାଗଜ ପତ୍ର (ଆଧାର କାର୍ଡ/ଭୋଟର କାର୍ଡ/ପ୍ୟାନ କାର୍ଡ/GST No)ର ଅବିକଳ ନକଲ ରେଜିଷ୍ଟ୍ରି ଡାକ ମାଧମ ରେ ତା ୨୩-୦୩-୨୦୨୬ ରିଖ ଅପରାହ୍ନ ଘ ୦୫.୦୦ ମିନିଟ ସୁଦ୍ଧା ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚିବା ଆବଶ୍ୟକ ଏବଂ ନିଲାମ ରେ ଭାଗ ନେବା ପୂର୍ବରୁ ସମସ୍ତ ଅସଲି କାଗଜ ପତ୍ର ଦେଖାଇ ନିଲାମ ରେ ଭାଗ ନେବେ। ଅନ୍ୟଥା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

(ଗ) ନିଲାମ ଡାକସିଦ୍ଧ ବ୍ୟକ୍ତି/ ସଂସ୍ଥା ପୁରୁଣା ଯନ୍ତ୍ରାଂଶ ନେବା ପୂର୍ବରୁ କାର୍ଯ୍ୟାଳୟରେ ଟ ୧୦୦୦୦୦.୦୦ (ଏକ ଲକ୍ଷ ଟଙ୍କା ମାତ୍ର) ଅଗ୍ରୀମ ଅର୍ଥ ଦାଖଲ କରି ଉଠାଣ କରିବେ ।

(ଘ) ନିଲାମ ପୂର୍ବରୁ କାର୍ଯ୍ୟ ଦିବସ ସମୟରେ ଆସି ମହଜୁଦ ଜିନିଷ ଗୋଦାମରେ ଦେଖି ପାରିବେ ।

(ଙ) ପୁରୁଣା ଯନ୍ତ୍ରାଂଶ ନିଲାମର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ–କି.ଗ୍ରା. ପ୍ରତି ୨୫/-ଟଙ୍କା ଦରରେ ଡକାଯିବ ଓ ୨୫/-ଟଙ୍କା ରୁ ସର୍ବୋଚ୍ଚ ଡାକ ଡାକିଥିବା ବ୍ୟକ୍ତି ଙ୍କୁ ନିଲାମ ଡାକସିଦ୍ଧ ବ୍ୟକ୍ତି/ ସଂସ୍ଥା ବିବେଚନା କରାଯିବ ।

(ଚ) ନିଲାମ ଡାକସିଦ୍ଧ ହୋଇଥିବା ବ୍ୟକ୍ତି/ ସଂସ୍ଥା ସାତ ଦିନ ମଧ୍ୟରେ ସରଂଜାମ ଉଠାଣ ନ କରନ୍ତି ତେବେ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ ଓ ଅମାନତ ରାଶି ବାଜ୍ୟାପ୍ତି କରାଯିବ।

(ଛ)ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ ।

କାର୍ଯ୍ୟସୂଚୀ ;-

ପୁରୁଣା ଯନ୍ତ୍ରାଂଶ ନିଲାମର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ–କି.ଗ୍ରା. ପ୍ରତି ୨୫ /-ଟଙ୍କା ଦରରେ
ନିଲାମ ତାରିଖ/ସମୟ ;- ୨୪-୦୩-୨୦୨୬ ରିଖ ଦିବା ଘ ୧୧.୦୦ ମିନିଟ୍ ,
ନିଲାମ ସ୍ଥାନ- ସଭାଘର ,ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ବଅଁରପାଳ ।

।ଇତି।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ବଅଁରପାଳ

Scanned with OKEN Scanner

ପରିପତ୍ର ସଂଖ୍ୟା ୧୦୬୭ ତାରିଖ ୧୨.୦୩.୨୦୨୬

ଏହାର ଏକକିତା ନକଲ ସମସ୍ତ ଗ୍ରାମ ପଞ୍ଚାୟତ ସରପଞ୍ଚ ବଅଁରପାଳ (୩୫)ଙ୍କ ଅବଗତି ନିମନ୍ତେ ଓ ଗ୍ରା;ପ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଜନ ବହୁଳ ଅଞ୍ଚଳରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ଲୋଚନ ଦାସ

ଗୋଷ୍ଠୀ ଉନ୍ନୟନ ଅଧିକାରୀ

ବଅଁରପାଳ

ପରିପତ୍ର ସଂଖ୍ୟା ୧୦୬୮ ତାରିଖ ୧୨.୦୩.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅନୁଗୋଳ /ଉପ-ଜିଲ୍ଲାପାଳ, ଅନୁଗୋଳ / ନିର୍ବାହୀ ଯନ୍ତ୍ରୀ,ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅନୁଗୋଳ /ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ବିଜ୍ଞାପନ ଫଳକରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

ଲୋଚନ ଦାସ

ଗୋଷ୍ଠୀ ଉନ୍ନୟନ ଅଧିକାରୀ,

ବଅଁରପାଳ

ପରିପତ୍ର ସଂଖ୍ୟା ୧୦୬୯ ତାରିଖ ୧୨.୦୩.୨୦୨୬

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ପ୍ରକାଶନ କରାଗଲା ।

ଲୋଚନ ଦାସ

ଗୋଷ୍ଠୀ ଉନ୍ନୟନ ଅଧିକାରୀ,

ବଅଁରପାଳ

Scanned with OKEN Scanner